

ମା'ଗଜଲକ୍ଷ୍ମୀ ପୂଜା: ଗୋସାଣୀ ନୂଆଗାଁ



ଜଗନ୍ନାଥପ୍ରସାଦ



ଖଲ୍ଲିକୋଟ ଶ୍ରୀକୃଷ୍ଣଶରଣପୁର ଭିଲେଜ



ଛତ୍ରପୁର



ଗଞ୍ଜାମ

## ସଂକ୍ଷେପରେ

### ପୁତୁରାଙ୍କ ବେକ କାଟି ଦାଦା କୋର୍ଟ ଚାଲାଣ

**ବେଲଗୁଣ୍ଠା,୨୯।୧୦(କୃଷ୍ଣଚନ୍ଦ୍ର ପଟ୍ଟନାୟକ)**

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଛତାବର ଗ୍ରାମରେ ଚୂନାମାଛ ଚୋରି କରିବା ସନ୍ଦେହରେ ଦାଦା ତାଙ୍କ ପୁତୁରାଙ୍କ ବେକ କାଟିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରବିବାର ଗାଙ୍ଗପୁର ପୋଲିସ ଅଭିଯୁକ୍ତ ଦାଦାଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଶିଶିର ନାୟକ (୩୬)। ଗାଙ୍ଗପୁର ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ସୂଚନା ପ୍ରକାରେ, ଗତ ୨୭ ତାରିଖରେ ଛତାବର ଗ୍ରାମର ଶିଶିର କେନାଲରେ ବେନ୍ଧା ପକାଇଥିବା ବେଳେ ରାତିରେ ତାଙ୍କ ମାଛ କିଏ ଚୋରି କରି ନେଇଯାଇଥିଲା। ଏ ନେଇ ଶିଶିର ତାଙ୍କ ପୁତୁରା ବିନୋଦକୁ ସନ୍ଦେହ କରି ଗାଳିଗୁଲଜ କରିଥିଲେ। କିନ୍ତୁ ବିନୋଦ ମାଛ ନେଇ ନ ଥିବା କହିବାରୁ ଶିଶିର ରାଗିଯାଇ ଏକ ମାଂସ କଟା କଟୁରି ଆଣି ବିନୋଦଙ୍କ ବେକକୁ କାଟିଦେଇଥିଲେ। ସ୍ଥାନୀୟ ଲୋକେ ଆସିଯିବାରୁ ଶିଶିର ସେଠାରୁ ଫେରାର ହୋଇଯାଇଥିଲା। ବିନୋଦକୁ ଗୁରୁତର ଅବସ୍ଥାରେ ଗୋବରା ଏବଂ ପରେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବିନୋଦର ଏତାଲା କ୍ରମେ ଗାଙ୍ଗପୁର ଥାନାରେ ନଂ.୮୦୫/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଶିଶିର ଫେରାର୍ ଥିବାରୁ ପୋଲିସ୍ ତାକୁ ଧରିପାରି ନ ଥିଲା। କୁମାର ପୂର୍ଣ୍ଣମୀ ଥିବାରୁ ରବିବାର ଭୋରରେ ଶିଶିର ଗ୍ରାମକୁ ଆସିଥିବା ଖବର ପାଇ ପୋଲିସ ଶିଶିରଙ୍କୁ ତାଙ୍କ ଘରୁ ଗିରଫ କରି ଭଞ୍ଜନଗର କୋର୍ଟଚାଲାଣ କରିଥିଲା। ସେଠାରେ ତାଙ୍କ ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍‌କୁ ପଠାଯାଇଛି। ଗାଙ୍ଗପୁର ଥାନା ଏସ୍‌ଆଇ ଆର୍ତ୍ତତ୍ରାଣ ଦାନୀ ଘଟଣାର ତଦନ୍ତ କରୁଛନ୍ତି।

### ବୁଗୁଡ଼ାରେ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ

**ବୁଗୁଡ଼ା,୨୯।୧୦(କାଳୀ ଚରଣ ଦାଶ)**

ସ୍ଥାନୀୟ ବଳଦେବସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବନ୍ଧୁ ମିଳନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିକା ମିନି ବସ୍ ୟୁନିୟନ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କେ. ତ୍ରିଲୋଚନ ଦୋରା ସଭାପତି, ଶିବ ନାରାୟଣ ପ୍ରଧାନ ଉପସଭାପତି, ଚିତ୍ରସେନ ନାୟକ ସମ୍ପାଦକ, ସୁରଥ ଚନ୍ଦ୍ର ପ୍ରଧାନ ସହସମ୍ପାଦକ, ସୁଦର୍ଶନ ନାୟକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଏବଂ ଆଇନ ପରାମର୍ଶଦାତା ଭାବେ ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଘୁମୁସର ଘରୋଇ ବସ୍ ମାଲିକ ସଂଘ ସଭାପତି ଗୋପବନ୍ଧୁ ମହାପାତ୍ର, ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଭଞ୍ଜନଗର ଏନ୍‌ଏସି ସମ୍ପାଦକ ବିପ୍ର ଚରଣ ବାରିକ, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଜୋନ୍-୪ର ସମ୍ପାଦକ ସନ୍ତୋଷ କୁମାର ପୋଲାଇ ପ୍ରମୁଖ ଯୋଗଦେଇଥିଲେ।

### ଚାଷୀଙ୍କ ବିୟୋଗରେ ଶୋକ

**ଦାରିଙ୍ଗବାଡି, ୨୯।୧୦ (ଅରୁଣ ସାହୁ)**

ଦାରିଙ୍ଗବାଡି ବ୍ଲକ ସିମନବାଡି ଅଞ୍ଚଳର ଜଣେ ସଫଳ ଚାଷୀ ପାର୍ଥୀ ପ୍ରଧାନଙ୍କ ରବିବାର ଦେହାନ୍ତ ହୋଇଛି। ସେ କନ୍ଧମାଳର ଜୈବିକ ହଳଦୀ ଚାଷ ଓ ବିଭିନ୍ନ କିସମର ଧାନ ଚାଷ ସହ ଡାଲିଜାତୀୟ ଫସଲ କାନ୍ଦୁଲ ଆଦି ଚାଷକରି ବେଶ ଜଣାଶୁଣା। ଗତ କିଛିଦିନ ହେବ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଇଛି। ମୃତ୍ୟୁ ସମୟରେ ଝିଅ, ସ୍ତ୍ରୀ, ନାତି ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସିରେ ଜଳକର ୪ କୋଟି ବକେୟା

**ଭଞ୍ଜନଗର,୨୯।୧୦(ବାବୁଲା ପ୍ରଧାନ)**

- ବର୍ଷକ ତଳେ ନିର୍ମିତ ସେଟଲିଙ୍ଗ୍ ଟ୍ୟାଙ୍କରୁ ପାଣି ଗଳୁଛି
- ଯନ୍ତ୍ରୀ ପଦବୀ ଖାଲିପଡ଼ିଛି, ଏସ୍‌ଡ଼ିଓ ଏକାଧିକ ଦାୟିତ୍ୱରେ

ଗଞ୍ଜାମ ଜିଲା ଭଞ୍ଜନଗର, ବେଲଗୁଣ୍ଠା ଏବଂ ସୋରଡ଼ା ଏନ୍‌ଏସିର ଅଧିକାଂଶ ଲୋକେ ଠିକ୍ ଭାବେ ଜଳକର ଦେଉନାହାନ୍ତି । ତେଣୁ ଜଳକର ବାବଦକୁ ଲୋକଙ୍କ ଠାରୁ ଅଗଷ୍ଟ ମାସ ସୁଦ୍ଧା ୪ କୋଟି ୧୮ଲକ୍ଷ ୨୧ହଜାର ୭୭୪ ଟଙ୍କା ବକେୟା ଆଦାୟ ହେବାକୁ ଅଛି। ଏତେ ଟଙ୍କା ବର୍ଷ ବର୍ଷ ଧରି ବକେୟା ରହିଥିବାରୁ ଏବେ ଆଦାୟ କରିବାରେ ସମସ୍ୟା ହେଉଛି। ଜଳକର ଆଦାୟ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କୁ ଜଳସାଥି ଭାବେ ନିଯୁକ୍ତି ଦିଆଯାଇଛି। ସେମାନେ ବକେୟା ଆଦାୟ କରିବା ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ସମସ୍ତ ଘରେ ପାଣି ମିଟର ଲାଗିଛି । ତେଣୁ ପୁରୁଣା ବକେୟାକୁ ଛାଡ଼ କରିବା ପାଇଁ କେତେଜଣ ଉପଭୋକ୍ତା ଦାବି କରିଛନ୍ତି ।

ଭଞ୍ଜନଗର ଏନ୍‌ଏସିରେ ୪୩୮୪ ଜଣ ଉପଭୋକ୍ତା ଅଛନ୍ତି । ସେଥିମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମଧ ରହିଛି। ଉପଭୋକ୍ତାମାନଙ୍କ ଉପରେ ଜଳକର ବାବଦକୁ ୧ କୋଟି ୫୫ଲକ୍ଷ ୪୬ ହଜାର ୪୭୯ ଟଙ୍କା ବକେୟା ରହିଛି। ବେଲଗୁଣ୍ଠାରେ ୨୫୯୮ ଉପଭୋକ୍ତାଙ୍କ ଠାରୁ ୮୩ଲକ୍ଷ ୭୯ ହଜାର ୫୩୨ ଟଙ୍କା ଏବଂ ସୋରଡ଼ାରେ ୩୨୨୬ ଉପଭୋକ୍ତାଙ୍କ ଠାରୁ ୧ କୋଟି ୭୮ଲକ୍ଷ ୯୫ ହଜାର ୭୬୩ ଟଙ୍କା ବକେୟା ଆଦାୟ ହେବାକୁ ଅଛି । ଅଗଷ୍ଟ ମାସରେ ଭଞ୍ଜନଗର ଏନଏସିରେ ୭ ପ୍ରତିଶତ ବକେୟା ଆଦାୟ ହୋଇଥିବା ବେଳେ ବେଲଗୁଣ୍ଠାରେ ୧୦ ପ୍ରତିଶତ ଏବଂ ସୋରଡ଼ାରେ ମାତ୍ର ୩ ପ୍ରତିଶତ ବକେୟା ଅର୍ଥ ଆଦାୟ ହୋଇଛି । ଜିଲାର ଏହି ୩ଟି ସହର ଗୁରୁତ୍ୱପୂର୍ଣ୍ଣ ସହର ହୋଇଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା କଥା ଜନସ୍ୱାସ୍ଥ୍ୟ ବିଭାଗ ବୁଝୁଛି । କିନ୍ତୁ ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ଯନ୍ତ୍ରୀ ଗତ ଜୁନ୍ ମାସରେ ପଦୋନ୍ନତି ପାଇ ଛତ୍ରପୁର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଛନ୍ତି। ସହକାରୀ ଯନ୍ତ୍ରୀ ପଦବୀ ୪ମାସ ହେବ ଖାଲି ପଡ଼ିଥିବା ବେଳେ ଉକ୍ତ ଯନ୍ତ୍ରୀ ବର୍ତ୍ତମାନ ଭାରପ୍ରାପ୍ତ ଦାୟିତ୍ୱରେ ଅଛନ୍ତି । ସେ ଛତ୍ରପୁରରେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହୁଥିବାରୁ ଭଞ୍ଜନଗର ଠିକ୍ ଭାବେ ଆସିପାରୁନାହାନ୍ତି। ଭଞ୍ଜନଗର ଏସଡ଼ିଓ ଫୁଲବାଣୀ ଏସ୍‌ଡ଼ିଓ ସହ ଫୁଲବାଣୀ ମ୍ୟୁନିସିପାଲିଟି ଦାୟିତ୍ୱରେ ମଧ୍ୟ ଅଛନ୍ତି । ତେଣୁ ଏସ୍‌ଡ଼ିଓ ମଧ ଭଞ୍ଜନଗରରେ ଅଧିକାଂଶ ସମୟ ରହିପାରୁନାହାନ୍ତି। ଭଞ୍ଜନଗର କାର୍ଯ୍ୟାଳୟରେ ଅନ୍ୟାନ୍ୟ ପଦବୀ ମଧ୍ୟ ଖାଲିପଡ଼ିଛି। ଡ଼ିଏଲଆର ଏବଂ ଦୁଇଜଣ ନିୟମିତ କର୍ମଚାରୀଙ୍କୁ ନେଇ ଏତେବଡ଼ କାର୍ଯ୍ୟାଳୟ ଚାଲିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି । ଅନ୍ୟପଟେ ଭଞ୍ଜନଗର ସହରବାସୀଙ୍କୁ ପର୍ଯ୍ୟାପ୍ତ ପାଣି ଯୋଗାଇ ଦେବାପାଇଁ ପାର୍କ ରୋଡ଼ରେ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଜଳବିଶୋଧାନଗାର ନିର୍ମାଣ ହୋଇଛି। ଉକ୍ତ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୧ ବର୍ଷ ପୂର୍ବେ ହୋଇଥିବା ସେଟଲିଙ୍ଗ୍ ଟ୍ୟାଙ୍କ (ଜଳ ବିଶୋଧାନଗାର)ରୁ ବର୍ତ୍ତମାନ ପାଣି ଗଳୁଛି । ଏନେଇ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ନିମ୍ନମାନର କାମ ଅଭିଯୋଗକୁ ସେ ଖଣ୍ଡନ କରିବା ସହ ପାଣି ଲିକ୍ ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଚାଲିଥିବା କହିଛନ୍ତି।



କ. ନୂଆଗାଁ

# ପାଣ୍ଡୁ ନାୟକ ଥିଲେ ଘୁମୁସରର ବରପୁତ୍ର: ମନ୍ତ୍ରୀ ଆରୁଖ



ସ୍ମୃତିସଭାରେ ମଞ୍ଚାସୀନ ମନ୍ତ୍ରୀ ଓ ଅତିଥି।

**ବେଲଗୁଣ୍ଠା,୨୯।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**

**ଡାକ୍ତର ପାଣ୍ଡୁଙ୍କ ଦ୍ୱାଦଶାହ ସ୍ମୃତି ସଭା**

ସାମାଜିକ କର୍ମୀ ଡାକ୍ତର ପାଣ୍ଡୁ ନାୟକଙ୍କ ଦ୍ୱାଦଶାହ ସ୍ମୃତିସଭା ରବିବାର ଗୋବରା ନୁଆଁପଡ଼ା ମଝି ବୈକୁଣ୍ଠନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପାଣ୍ଡୁ ନାୟକଙ୍କ ସ୍ମୃତି ଚାରଣ କରିବା ସହିତ ସେ ଘୁମୁସର ମାଟିର ଜଣେ ବରପୁତ୍ର ଥିଲେ ବୋଲି କହିଥିଲେ। ଏହା ସହିତ ଘୁମୁସର ମାଟିରେ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ ସଂସ୍କାର, କଳା, ସଂସ୍କୃତି ଏବଂ କ୍ରୀଡ଼ା କ୍ଷେତ୍ରରେ ଡାକ୍ତର ନାୟକଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ ମନ୍ତ୍ରୀ। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଞ୍ଜାମ ଜିଲା ବିଜେଡି ସାଧାରଣ ସମ୍ପାଦକ କୁଞ୍ଜବିହାରୀ ନାୟକ, ବ୍ଲକ ବିଜେଡି ସଭାପତି ରାମେଶ୍ୱର ପାତ୍ର, ଗୋବରା ସମିତିସଭ୍ୟ ବିଭୂପାଦ ଜେନା, ଆଳୀୟ ସମାଜ କୁଳାଧିପତି ପ୍ରହଲ୍ଲାଦ ଲେଙ୍କା, ପ୍ରଫୁଲ୍ଲ କୁମାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ମାମା ପରିଡ଼ା, ସାମାଜିକ କର୍ମୀ ଶୂଳପାଣି ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଘୁମୁସର ଜିଲା ଆନ୍ଦୋଳନର ପୁରୋଧା ସୋମନାଥ ନାୟକ, ଆଇନଜୀବୀ ସନ୍ତୋଷ ବିଶ୍ୱାଳ, ସାହିତ୍ୟିକ ଗୋପାଳ ଚନ୍ଦ୍ର ଲେଙ୍କା, ପୂର୍ବତନ କଲେଜ୍ ଅଧକ୍ଷ ବି. ଗୋବିନ୍ଦ୍ର ରାଓ, ସନ୍ତୋଷ କୁମାର ବିଶ୍ୱାଳ, ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଉପସ୍ଥିତ ରହି ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷକ ରାଜେନ୍ଦ୍ର କୁମାର ବିଷୋୟୀଙ୍କ ତତ୍ତ୍ୱାବଧାନରେ ଭଜନ ପରିବେଷଣ ହୋଇଥିଲା। ରେସ୍କଣ୍ଡ୍ ଟ୍ରଷ୍ଟ ଅଧକ୍ଷ ସ୍ୱସ୍ତି ସୁନ୍ଦର ସିଅ ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଦିଗପହଣ୍ଡି,୨୯।୧୦(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଫାସିବନ୍ଧ ଗ୍ରାମ ଗୁଣବନ୍ଧ ପୋଖରୀରେ ରବିବାର ଭୋରରେ ବୁଡି ଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ମଦନ ମୋହନ ପାତ୍ରଙ୍କ ସ୍ତ୍ରୀ ଦେବକୀ ପାତ୍ର (୬୦)। ସକାଳୁ ଦେବକୀ ଗୁଣବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା କାରଣରୁ ପାଣିରେ ବୁଡି ଯାଇଥିଲେ। ସକାଳ ୯ଟାରେ ଗ୍ରାମର କିଛି ଯୁବକ ପୋଖରୀକୁ ଗାଧୋଇବା ପାଇଁ ଯିବାବେଳେ ବୃଦ୍ଧା ଜଣକ ଭାସୁଥିବା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରେ ବୃଦ୍ଧାଙ୍କୁ ପାଣିରୁ ବାହାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ବିଜେଡି ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ନେତା ଓ କର୍ମୀ।

**ସୋରଡ଼ା,୨୯।୧୦(ଲମ୍ବୋଦର ପାଣିଗ୍ରାହୀ)**

ବିଜେଡି ସୋରଡ଼ା ନିର୍ବାଚନମଣ୍ଡଳୀ ତରଫରୁ ରବିବାର ଏକଦିବସୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସାଗରବନ୍ଧ ନିକଟରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀର ସୋରଡ଼ା, ବେଲଗୁଣ୍ଠା ଏନ୍‌ଏସି ଓ ବ୍ଲକର ସମସ୍ତ ଦଳୀୟ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ପ୍ରତ୍ୟେକ ପଞ୍ଚାୟତରୁ ବଛାବଛା ଯୁବକ, ନେତୃବୃନ୍ଦଙ୍କ ସମେତ ସୋରଡ଼ା ନଗରପାଳ ଶିବଶଙ୍କର ପଣ୍ଡା, ଉପାଧ୍ୟକ୍ଷା ଭାଗ୍ୟଲତା ଡାକୁଆ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉପସ୍ଥିତ ସମସ୍ତଙ୍କୁ ସରକାରୀ ଯୋଜନା ଉପରେ ଜଣାଇଥିଲେ। ଆସିକା ଏମ୍‌ପି ପ୍ରମିଳା ବିଶୋଇ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ନାରୀ ସଶକ୍ତୀକରଣ ଯୋଜନାରେ ରାଜ୍ୟ ସରକାରଙ୍କ ମହିଳାମାନଙ୍କ ଦ୍ୱାରା ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ, ପରିଚାଳନା କାର୍ଯ୍ୟ, ଆତ୍ମନିର୍ଭର ତଥା ଆର୍ଥିକ ସୁଦୃଢ଼ତା ଉପରେ ଆଲୋକପାତ କରିଥିଲେ ।

# ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ପ୍ରଶମନ ଦିବସ ପାଳିତ

**ପାରଳାଖେମୁଣ୍ଡି/ରାୟଗଡ଼/ଆସିକା/ ବୁଗୁଡ଼ା/ ଦିଗପହଣ୍ଡି/ଫୁଲବାଣୀ/ ଦାରିଙ୍ଗିବାଡ଼ି/୨୯।୧୦ (ଗିରିଧାରୀ ପରିଚ୍ଛା/ ଜ୍ୟୋତିପ୍ରସାଦ ପାଣି/ସୁରେନ୍ଦ୍ର ନାଥ ସାହୁ/କାଳିଚରଣ ଦାଶ/ଅଶେଷ ନାଥ ମିଶ୍ର/ରାକେଶ ରାଉତ/ଅରୁଣ ସାହୁ)**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଗଜପତି ଜିଲା ସଦର ମହକୁମାଠାରେ ରବିବାର ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଓ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଗ୍ନିଶମ ବିଭାଗ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶମନର ଜନସାଧାରଣଙ୍କୁ ବିପର୍ଯ୍ୟୟ ସମୟରେ କିପରି ଉଦ୍ଧାର କରାଯାଇପାରିବ ତାହାର ଏକ ମକଡ୍ରିଲ ଜିଲା ଅଗ୍ନିଶମ ଅଧିକାରୀ କାହ୍ନୁ ଚରଣ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଜିଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ. ଆନନ୍ଦ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଡ଼.ଗୁଣନିଧି ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଜରୁରୀକାଳୀନ ଅଧିକାରୀ ଜ୍ଞାନରଞ୍ଜନ ମାଝୀ ଏବଂ ପ୍ରଦୋଷ କୁମାର ଶତପଥୀ, ଜିଲା ଜରୁରକାଳୀନ ପ୍ରୋଗ୍ରାମ ମ୍ୟାନେଜର ଯୋଗ ଦେଇଥିଲେ।

ସେହିପରି ରାୟଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଦଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ବିଡିଓ ସୁଧୀର କୁମାର ସିଂ, ସମ୍ମାନିତ ଅତିଥି ଭାବେ ଡା. ଧନଞ୍ଜୟ ମାରାଣ୍ଡି, ଏସ୍‌ଆଇ ଜ୍ୟୋତ୍ସ୍ନା ରୟ, ଏବିଇଓ ଏସ୍ ପାପା ରାଓ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଷ୍ଣୁ ପ୍ରସାଦ ସେଠି, ଭାରପ୍ରାପ୍ତ ଜିପିଓ ସେନାପତି ଶବର, ଅଗ୍ନିଶମ ଅଧିକାରୀ ତପନ ଗଉଡ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି କେ. ଲକ୍ଷ୍ମଣ ରାଓ, ମିଶନ ଶକ୍ତି ବିପିଏମ୍ ଅମ୍ରିତ ପରିଚ୍ଛା, ବିଆରସି ସ୍ୱରୂପ କୁମାର ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆସିକା ବ୍ଲକ ଓ ଏନଏସି ପକ୍ଷରୁ ବ୍ଲକ ସଭାଗୃହରେ ବିଡିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, ସିଡିପିଓ ଭାଗ୍ୟଲତା ପାତ୍ର, ଜିଲାପିରଷଦ ସଦସ୍ୟା ଅନିମା ପରିଡା ଯୋଗଦେଇଥିଲେ। ସେହିଭଳି ଏନଏସି ସଭା ଗୃହରେ ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଏମପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ବ୍ରାଣ୍ଡଆମ୍ବାସଡର ଅରୁଣ କୁମାର ପାତ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଏବଂ ଛାତ୍ରୀଛାତ୍ର ସାମିଲ ଥିଲେ। ବୁଗୁଡା ପଞ୍ଚାୟତ ସମିତି ପୁରୁଣା ସଭାଗୃହରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ସନ୍ତୋଷ କୁମାର ଜେନା, ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ, ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନ, ଅଗ୍ନିଶମ ଅଧିକାରୀ ସଂଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହ ୧୯୯୯ ମହାବାତ୍ୟାର ଭୟାବହତା ସଂପର୍କରେ ଆଲୋକପାତ କରିଥିଲେ।

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ଜିପିଓ ଉମେଶ କୁମାର ସେଠୀ ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ଯ ବିପିନ ଚନ୍ଦ୍ର ପ୍ରଧାନ, ଶ୍ରଦ୍ଧା ଏନ୍‌ଜିଓ କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ବୈଠକରେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକ୍କୁଡ, ନକୁଳ ପ୍ରଧାନ, ସରପଞ୍ଚ ଗୀତାଞ୍ଜଳି ଜାନୀ, ଲିଙ୍ଗରାଜ ଦୋରା, ପୂର୍ବତନ ସରପଞ୍ଚ କେ .ହରିବନ୍ଧୁ ରେଡ୍ଡୀ, ଅସିତ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼, ଚିତ୍ରସେନ ଗୌଡ, ଶିବରାମ ପ୍ରଧାନ, ରବିଚନ୍ଦ୍ର ଗୌଡ଼, ସମିତି ସଭ୍ୟ ପଙ୍କଜ ସାହୁ, ସୁଦାମ ରେଡ୍ଡୀ, ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଗାନ୍ଧୀ ସ୍ମୃତି ଭବନରେ କନ୍ଧମାଳ ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆପଦକାଳୀନ ଅଧିକାରୀ ରଞ୍ଜନ କୁମାର ମାର୍ଥା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିପର୍ଯ୍ୟୟ ପରିଚାଳନା ଜିଲା ଅଧିକାରୀ ପ୍ରଭୁ ପ୍ରସାଦ ମହାରଣା ଧନ୍ୟବାଦ ଦେଇଥିଲେ । ରାଜସ୍ୱ ସହାୟିକା ରୁପମ୍ବିକା ତ୍ରିପାଠୀ ସଭା ପରିଚାଳନା କରିଥିଲେ। ବୈଠକରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ପାତ୍ର, ଫୁଲବାଣୀ ବିଡିଓ ପ୍ରତୀକ କୁମାର ସାହୁଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ ।

ସେହିପରି ଦାରିଙ୍ଗବାଡି ବ୍ଲକ ସଭାଗୃହ ପରିସରରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଇଛି। ବିଡିଓ ଗଦାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ତହସିଲଦାର ଶରତ ଶବର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜାଗୃତି ଅନୁଷ୍ଠାନର ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ସମ୍ମାନିତ ଅତିଥିଭାବେ ଦାରିଙ୍ଗବାଡି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପତିତପାବନ ରାଉତ ପ୍ରମୁଖ ଯୋଗଦେଇଥିଲେ।



ବିପର୍ଯ୍ୟୟ ପରିଚାଳନାରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ପଞ୍ଚାୟତକୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### କୂଅରେ ଶ୍ୱାସରୁଦ୍ଧ ହୋଇ ଶ୍ରମିକଙ୍କ ମୃତ୍ୟୁ

ବୁଗୁଡ଼ା,୨୯।୧୦(କାଳି ଚରଣ ଦାଶ)

ସଫା କରିବାକୁ ଯାଇ କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ରବିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବୁଗୁଡ଼ା ସହରର ଅନ୍ନପୂର୍ଣ୍ଣା ନଗର ଦ୍ୱିତୀୟ ଲାଇନ ଶ୍ରୀକୃଷ୍ଣ ନଗରରେ। ମୃତକ ଜଣକ ହେଲେ ଖୋଲଖାଲି ଗ୍ରାମର ଧୋବା ସ୍ୱାଇଁ(୫୫)। ପ୍ରକାଶ ଯେ, ଶ୍ରୀକୃଷ୍ଣ ନଗରରେ ହରିହର ପାତ୍ରଙ୍କ ନବନିର୍ମିତ ଘର ଭିତରେ ଥିବା ଏକ ଗଭୀର କୂଅକୁ ସଫା କରିବା ପାଇଁ ରବିବାର ୧୧ଟାରେ ଖୋଲଖାଲି ଗ୍ରାମର ଧୋବା, ଖଦାଳ ସାହାଣୀ ଓ ମନୁ ସେଠୀ ଆସିଥିଲେ। ପ୍ରଥମେ ମନୁ ମୋଟର ଲଗାଇ ପାଣି ଖାଲି କରିବା ପରେ ଧୋବା ଭିତରେ ପଶି କୂଅରେ ପଡ଼ିଥିବା ପଥର, ମାଟି ଆଦି ବାହାର କରିଥିଲେ ଏବଂ କାମ ସରିବା ପରେ ଧୋବା କୂଅରୁ ଉପରକୁ ଆସିବା ପାଇଁ ଅନ୍ୟ ୨ ସାଥୀ ଦଉଡ଼ି ପକାଇଥିଲେ। ଏ ସମୟରେ ଧୋବା ଉପରକୁ ଆଉ ଉଠି ନ ପାରି ତଳେ ପଡି ଯାଇଥିଲେ। ଖବର ପାଇ ବୁଗୁଡ଼ା ଅଗ୍ନିଶମ ଅଧିକାରୀ ସଞ୍ଜୟ ରାଉତଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଧୋବାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ନେଇଥିଲେ। ସେଠାରେ ଧୋବାଙ୍କୁ ଡାକ୍ତର ମୃତ ଘୋଷଣ କରିଥିଲେ। ତେବେ କୂଅ ଭିତରେ ଅମ୍ଳଜାନ ଅଭାବରୁ ଧୋବାଙ୍କ ଜୀବନ ଚାଲି ଯାଇଥିବା ଜଣାପଡିଛି। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲା।

### ବସ୍ - ବାଇକ୍ ମୁହାଁମୁହିଁ ଧକ୍କା, ବାଇକ୍ ଚାଳକ ଗୁରୁତର

ଗୁମ୍ମା,୨୯।୧୦(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ କୁତମ୍ ଗ୍ରାମ ନିକଟରେ ବସ୍ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ମୂର୍ସୁତା ରଇତ (୩୬) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ମୂର୍ସୁତା ବାଇକ ଯୋଗେ ଶ୍ୱଶୁରଘର ଭୁବୁନି ପଞ୍ଚାୟତର ବଙ୍ଗତେଲଡା ଗ୍ରାମକୁ ଯିବା ସମୟରେ କୁତମ୍ ଗ୍ରାମ ନିକଟ ବୁଲାଣିରେ ସେରଙ୍ଗରୁ ଆସୁଥିବା ବସ୍ (ନଂ ଓଡି ୨୦ସି ୩୬୯୯) ସହ ମୁହାଁମୁହିଁ ଧକ୍କା ହୋଇଥିଲା।

### ବାଇକ୍ ଦୁର୍ଘଟଣା, ୨ ଗୁରୁତର

ହିଞ୍ଜିଳିକାଟୁ,୨୯।୧୦(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଖଣ୍ଡରା ଛକ ଜାତୀୟ ରାଜପଥ ନଂ ୫୮ରେ ରବିବାର ଏକ ବାଇକ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସମ୍ପର୍କୀୟ ଭାଇ ଆସିକା ଥାନା ମାଗୁରା ଗ୍ରାମର ଆଶିଷ ଡାକୁଆ (୧୬) ଓ ଗାଙ୍ଗପୁର ଥାନା ଖାରିଆଗୁଡା ଗ୍ରାମର ଅଜୟ ଡାକୁଆ (୧୮) । ପ୍ରକାଶ ଯେ, ସମ୍ପର୍କୀୟ ୨ ଭାଇ ସକାଳୁ ବାଇକ ଯୋଗେ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳି ଥାନା ଖଣ୍ଡରା ଛକ ନିକଟରେ ଭାରସାମ୍ୟ ହରାଇ ଜାତୀୟ ରାଜପଥ ପାର୍ଶ୍ୱରେ ଚାଷଜମିକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆଶିଷଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ହିଞ୍ଜିଳି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ବର୍ଷକରେ କାମ ସରିଛି ୪୦ ପ୍ରତିଶତ

ବ୍ରହ୍ମପୁର,୨୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ଡେଡ୍‌ଲାଇନ ଭିତରେ ସରିବ କି ଏମ୍‌କେସିଜି କ୍ୟାନସର୍ କେୟାର୍ ୟୁନିଟ୍ ନିର୍ମାଣ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଓ ହସ୍ପିଟାଲ ଦକ୍ଷିଣ ଓଡିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲାଇଫ ଲାଇନ କୁହାଯାଉଛି। ବିଭିନ୍ନ କାରଣରୁ ଏବେ କ୍ୟାନସର ରୋଗୀଙ୍କ ସଂଖ୍ୟା ଏବେ ବଢ଼ିବାରେ ଲାଗିଛି। କ୍ୟାନସର୍ ପୀଡ଼ିତଙ୍କୁ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇବା ପାଇଁ ଏମକେସିଜି ମେଡିକାଲ ପରିସରରେ ଏକ କ୍ୟାନସର୍ କେୟାର୍ ୟୁନିଟ୍ ତିଆରି କରାଯାଉଛି। ହେଲେ ଉକ୍ତ କ୍ୟାନସର୍ କେୟାର୍ ୟୁନିଟ୍ ନିର୍ମାଣ କାମ ଏବେ ମନ୍ଥର ଗତିରେ ଚାଲିଛି। ଫଳରେ ଡେଡ୍‌ଲାଇନ ଭିତରେ ସରିବ କି ଏମକେସିଜି କ୍ୟାନସର୍ କେୟାର୍ ୟୁନିଟ୍ ନିର୍ମାଣ କାମ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପଟେ ୭୬କୋଟି ଟଙ୍କା ବ୍ୟୟରେ ତିଆରି ହେଉଥିବା ଏହି ହସ୍ପିଟାଲରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସାସେବା ଉପଲବ୍ଧ ହେବ ବୋଲି ଏମକେସିଜି କର୍ତ୍ତୃପକ୍ଷ କହିଛନ୍ତି। ଉକ୍ତ ହସ୍ପିଟାଲ୍ କୋଠା ନିର୍ମାଣ ଚାଲିଥିବା ବେଳେ ଗତ ଅକ୍ଟୋବର ୨ରେ ଏହାର ସମୀକ୍ଷା କରିଛନ୍ତି ବିଶାଖାପାଟଣା ସ୍ଥିତ ହୋମି ଭାବା କ୍ୟାନସର୍ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍ (ଏଚବିସିଏଚ୍ଆରସି)ର ନିର୍ଦ୍ଦେଶକ ଡା. ଉମେଶ ମହନ୍ତ ସେଟ୍ଟୀ। ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବା ଦେଖି ନିର୍ଦ୍ଦେଶକ ବିରକ୍ତି ପ୍ରକାଶ କରିଥିଲେ। ଠିକ୍ ସମୟରେ କାମ ସମାପ୍ତ କରିବାକୁ ସେ ଠିକା ସଂସ୍ଥାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ଅନୁସାରେ କୁଶଳୀ କାରିଗରଙ୍କୁ ନିୟୋଜିତ କରି ଠିକ୍ ସମୟରେ କାମ ସମାପ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶଥାଉ କି, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟାଟା ମେମୋରିଆଲ୍ ସେଣ୍ଟରର ୟୁନିଟ୍ ଏଚବିସିଏଚ୍ଆରସିର ନିର୍ଦ୍ଦେଶକଙ୍କୁ ବ୍ରହ୍ମପୁର ଏମକେସିଜିରେ ତିଆରି ହେଉଥିବା କ୍ୟାନସର୍ ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କରିବାକୁ ଅନୁରୋଧ କରାଯାଇଥିଲା। ଏଣୁ ଏଚବିସିଏଚ୍ଆରସିର ନିର୍ଦ୍ଦେଶକ ଡା. ଉମେଶ ଏମକେସିଜିରେ କ୍ୟାନସର୍ କେୟାର୍ ୟୁନିଟର ସ୍ଥିତି ସମୀକ୍ଷା କରିଥିଲେ। ବିଶେଷ କରି ବୈଷୟିକ ଦିଗକୁ ସେ ଅଧିକ ଗୁରୁତ୍ୱ ଦେଇଥିଲେ। ୟୁନିଟ୍ ତିଆରି ପାଇଁ ରହିଥିବା ନକ୍ସା ଦେଖିବା ସହିତ ସେଥିରେ କିଛିଟା ସାମାନ୍ୟ ପରିବର୍ତ୍ତନ କରିବାକୁ ଇଞ୍ଜିନିୟରଙ୍କୁ ସେ ପରାମର୍ଶ ଦେଇଥିଲେ। ଏହାପରେ ଏମକେସିଜି ମେଡିକାଲ କଲେଜ ପରିସରରେ ଥିବା କମ୍ୟୁନିଟି ମେଡିସିନ୍ ସେଣ୍ଟରରେ ବିଭାଗୀୟ ଅଧିକାରୀଙ୍କୁ ନେଇ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। କ୍ୟାନସର୍ କେୟାର୍ ହସ୍ପିଟାଲ୍ ପାଇଁ ଯାହା କିଛି ବୈଷୟିକ ସହାୟତାର ଆବଶ୍ୟକ ପଡ଼ିବ ତାହା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। କ୍ୟାନସର୍ ରୋଗୀଙ୍କ ଚିକିତ୍ସା ପାଇଁ ରେଡିଏସନର ଆବଶ୍ୟକତା ପଡ଼ିଥାଏ। ଏଣୁ ନିର୍ମାଣ କାର୍ଯ୍ୟ ସହିତ ସେଥିରେ ବ୍ୟବହାର ହେଉଥିବା ସାମଗ୍ରୀ ସଠିକ୍ ମାନର ବ୍ୟବହାର କରିବାକୁ ସେ କହିଥିଲେ। ସୂଚନା ଥାଉ କି ଏମକେସିଜିରେ କ୍ୟାନସର୍ କେୟାର୍ ୟୁନିଟର କାମ ୨୦୨୨ ନଭେମ୍ବର ୧୪ ରେ ଆରମ୍ଭ ହୋଇଥିଲା। ୨୦୨୪ ଫେବୃଆରୀ ୧୩ ତାରିଖ ସୁଦ୍ଧା ୟୁନିଟର କାମ ସମାପ୍ତ ପାଇଁ ଚୁକ୍ତି ହୋଇଛି। ତେବେ ଏଯାବତ କେବଳ ଶତକଡା ୪୦ ପ୍ରତିଶତ କାମ ହୋଇଛି। ଉକ୍ତ ନିର୍ମାଣକାରୀ ସଂସ୍ଥା ନିର୍ଦ୍ଧାରିତ ସମୟ ମଧ୍ୟରେ କ୍ୟାନସର୍ କେୟାର୍ ୟୁନିଟର କାମ ସାରିବାକୁ ହେଲେ ଅଧିକରୁ ଅଧିକ କୁଶଳୀ ଶ୍ରମିକ ନିୟୋଜିତ କରିବାକୁ କୁହାଯାଇଥିଲା। ଗୋଟିଏ ପଟେ ନିର୍ମାଣ କାମ ଧିମେଇ ଚାଲିଥିବା ବେଳେ ଅନ୍ୟପଟେ ଉକ୍ତ କୋଠାର ଦାୟିତ୍ୱ ସମ୍ପାଦନା କେତେକ ଦିଗକୁ ଅଣଦେଖା କରାଯାଉଥିବା ଦେଖିବାକୁ ମିଳିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ମୈତ୍ରୀ



@ ଦିଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସମାଜ ପରିବର୍ତ୍ତନରେ କବି, ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ।

ବ୍ରହ୍ମପୁର,୨୯।୧୦(ସ୍ମୃତିରଞ୍ଜନ ମହାଲିକ)

ସମାଜର ପରିବର୍ତ୍ତନରେ କବି ଓ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କର ଶାଣିତ ଲେଖା ମାଧ୍ୟମରେ ସମାଜକୁ ଯୁଗେ ଯୁଗେ ଦିଗଦର୍ଶନ ଦେଇ ଆସିଛନ୍ତି। ଏଣୁ ସେମାନେ ସବୁ ସମୟରେ ସମାଜ ଦ୍ୱାରା ସମ୍ମାନ ପ୍ରାପ୍ତ ହୋଇଥାନ୍ତି ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଲେଖକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓଡ଼ିଶା ଲେଖିକା ସାଂସଦ ଦ୍ୱାରା ଗିରି ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଛନ୍ତି। ଏଥିରେ ସଂସଦର ଆବାହିକା ବରିଷ୍ଠ କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ରୂପେ କବି ବିପିନ୍ ନାୟକ, ସମ୍ମାନିତ ବକ୍ତା ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ବିଭାଗ ମୁଖ୍ୟ ଡ. ଇ. ରାଜା ରାଓ, ଖଲିକୋଟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ ଉତ୍ତମା ଜେନା, ଓଡ଼ିଶା ଲେଖିକା ସଂସଦ ସଦସ୍ଯା ଡ ସୂଚନା ପାଢୀ ଓ ଓଡ଼ିଶା ଲେଖିକା ସଂସଦ ସଦସ୍ୟା କବୟିତ୍ରୀ ସବିତା ସାହୁ ପ୍ରମୁଖ ମଞ୍ଚାସିନ ହୋଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ଭାରତୀୟ ଭାଷାର ପ୍ରତିଷ୍ଠିତ ଗାଳ୍ପିକ ମାନଙ୍କ ଗଳ୍ପ ଗୁଡ଼ିକର ଓଡ଼ିଆ ଭାଷାନ୍ତର ଅନୁବାଦିକା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ରଚିତ ଅନୁବାଦ ଗଳ୍ପ ସଂକଳନ ରାହୁଲ ଓ ଅନ୍ୟାନ୍ୟ ଗଳ୍ପ, ବିଶ୍ୱ ବିଦିତ ନୋବେଲ ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ କବି ମାନଙ୍କର କାଳଜୟୀ କବିତା ଗୁଡ଼ିକର ଓଡ଼ିଆ ଅନୁବାଦ ଡ. ସୂଚନା ପାଢୀଙ୍କ କବିତା ସଂକଳନ ବିଶ୍ୱ ଚେତନାର ବିଶ୍ରୁତ ସ୍ୱର ଏବଂ କବୟିତ୍ରୀ ସବିତା ସାହୁଙ୍କ ରଚିତ ଇଂରାଜୀ କବିତା ସଂକଳନଦି. ଫୋର୍ଥ ପିଚ୍ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ମୁଖ୍ୟବକ୍ତା କବିର କବିତା ପାଠକର ହୃଦୟକୁ ଆନ୍ଦୋଳିତ ନ କରି ପାରିଲେ ତାହା କବିତା ପଦବାଚ୍ୟ ନୁହଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ଅମିତା ମିଶ୍ର, ସୁଧାଞ୍ଜଳି ମିଶ୍ର, ସୁଚେତା ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାରୁ କାତି ମାଡ଼, ଜଣେ ଗୁରୁତର

ହିଞ୍ଜିଳିକାଟୁ,୨୯।୧୦(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା କଣ୍ଟେଇକୋଳି ଗାଁରେ ଶନିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଓ କାତିମାଡରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କୃଷ୍ଣ ସାହୁ। ଏହି ଘଟଣାରେ ରବିବାର ପୋଲିସ ସନ୍ତୋଷ କୁମାର ସାହୁ ଓ ତାଙ୍କର ସାନ ଭାଇ ଶମ୍ଭୁଙ୍କୁ କୋର୍ଟ ଚାଲାଣ କରିଛି। ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମରେ କୁମାରପୂର୍ଣ୍ଣିମା ରାତିରେ ନେଳିଆ ବନ୍ଧ ନିକଟ ମଣ୍ଡପରେ ତାସ ଖେଳ ଚାଲିଥିଲା। ମଣ୍ଡପ ନିକଟରେ ଗ୍ରାମର କାହ୍ନା ସାହୁ, ରାକେଶ ସାହୁ, କୃଷ୍ଣ ସାହୁ ଓ ସ୍ୱରାଜ୍ୟ ବେହେରା ବସିଥିଲେ। ଏହି ସମୟରେ ସେହି ଗ୍ରାମର ସନ୍ତୋଷ କୁମାର ଓ ଶମ୍ଭୁ ପହଞ୍ଚି ସେମାନଙ୍କ ସହିତ ଗଣ୍ଡଗୋଳ କରିଥିଲେ। ପରେ ଏକ କାତି ମାଡରେ କୃଷ୍ଣ ଗୁରୁତର ହୋଇଥିଲେ। ଗଣ୍ଡଗୋଳରେ ଅନ୍ୟ ୨ଜଣ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। କୃଷ୍ଣଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଘଟଣା ନେଇ କାହ୍ନା ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୮୨୨/୨୩ରେ ମାମଲା ରୁଜୁ କରିଛି।

## ବନ୍ଧୁକ ଲଗାଇ ୨୩ ହଜାର ଲୁଟ୍

ଗଞ୍ଜାମ,୨୯।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ଥାନା ଇଲାକାରେ ଜଣେ ବାଇକ ଆରୋହୀଙ୍କୁ ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଣ୍ଡରେ ମାଉଜର ଲଗାଇ ୨୩ ହଜାର ଟଙ୍କା ଲୁଟି ନେଇଛନ୍ତି । ରମ୍ଭା ଥାନା ଖଟୁଆକୁଦା ଗ୍ରାମର ରୋହିତ ଛଟେଇ ଶନିବାର ରାତି ପ୍ରାୟ ସାଢେ ୧୦ଟାରେ ନିଜ ବାଇକରେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିଲେ। ୧୬ ନମ୍ବର ଜାତୀୟ ରାଜପଥ ସନ୍ତୋଷୀ ମା' ମନ୍ଦିର ସମ୍ମୁଖରେ ଗୋଟିଏ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ହଠାତ ରୋହିତଙ୍କ ମୁଣ୍ଡରେ ମାଉଜର ଲଗାଇ ୨୩ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ରୋହିତ ଗଞ୍ଜାମ ଥାନାରେ ଅଭିଯୋଗ କରିବା ପରେ ଥାନା ଆଇଆଇସି ସୁମିତ୍ରା ପାତ୍ର ଚାରିଆଡେ ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଇ ପାରିନାହାନ୍ତି।

## ବୃନ୍ଦାବନ ନାୟକଙ୍କ ୩୯ତମ ଶ୍ରାଦ୍ଧ ବାର୍ଷିକୀ



ବ୍ରହ୍ମପୁର,୨୯।୧୦(ନରସିଂହ ସାହୁ)

ପୂର୍ବତନ ମନ୍ତ୍ରୀ, ବିଧାନସଭା ବିରୋଧୀ ଦଳ ନେତା ଏବଂ ବ୍ରହ୍ମପୁର ପୂର୍ବ ପୌରସଂସ୍ଥାର ପ୍ରାକ୍ତନ ନଗରପାଳ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ୩୯ତମ ଶ୍ରାଦ୍ଧ ବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ବୃନ୍ଦାବନ ସ୍ମୃତି କମିଟି ପକ୍ଷରୁ ଗୀତା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନସ୍ତରର ଅନେକ ମହିଳା ଓ ପୁରୁଷ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। କମାପଲ୍ଲୀ ଛକରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ସ୍ମୃତି କମିଟି ଅଧ୍ୟକ୍ଷ ଭଗବାନ ଗନ୍ତାୟତ, ସ୍ୱର୍ଗତ ନାୟକଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ବୈଷୟିକ ଶିକ୍ଷାନୁଷ୍ଠାନର ସମ୍ପାଦକ ଜାମୁଲା ଶଙ୍କର ନାରାୟଣ, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ସ୍ତରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧ୍ୟାହ୍ନରେ ଗୀତା ଭବନରେ ହୋଇଥିବା ସ୍ମୃତି ଚାରଣ ସଭାରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ମହାନଗର ନିଗମ କର୍ପୋରେଟର ସୁରେନ୍ଦ୍ର ମହାରଣା, ପ୍ରଦୀପ ଶତପଥୀ, ସୋନାଲି ଗନ୍ତାୟତ, ରଂଜିତା ବେହେରା, ଟି. କିଶୋର, ମହାନଗର ବିଜେଡି ସଭାପତି ବିଜୟ ସାମଲଙ୍କ ସମେତ ଦଳମତ ନିର୍ବିଶେଷରେ ଅନେକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ବୃନ୍ଦାବନ ନାୟକ ପରିବାର ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଭାବେ ସ୍ମୃତିଚାରଣ କରାଯାଇଥିଲା। ପୁତ୍ର ତଥା ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟ ନାୟକଙ୍କ ନେତୃତ୍ୱରେ ଅନେକ ବୃନ୍ଦାବନ ପ୍ରେମୀ ହିଲପାଟଣାରୁ ଏକ ଶୋଭାଯାତ୍ରାରେ ପ୍ରତିମୂର୍ତ୍ତି ସ୍ଥଳକୁ ଯାଇ ମାଲ୍ୟାର୍ପଣ ଓ ସମୂହ ପ୍ରାର୍ଥନା କରିଥିଲେ।

## ଚାଷୀଙ୍କ ସମସ୍ୟା ସମାଧାନ ଦାବିରେ ଆର୍‌ଡିସିଙ୍କୁ ଦାବିପତ୍ର

ବ୍ରହ୍ମପୁର,୨୯।୧୦(ସ୍ମୃତି ରଞ୍ଜନ ମହାଲିକ)





ସଂଘ ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର।

ଗଞ୍ଜାମ ଜିଲା ଚାଷୀଙ୍କ ସମସ୍ୟା ସମାଧାନ ସମେତ ବିଭିନ୍ନ ଦାବି ସମୂହକୁ ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ, ଜିଲାରେ ସବୁ ଜମିକୁ ଜଳ ସେଚନ ସୁବିଧା ସହ ଜଳସେଚନ ଉନ୍ନୟନ ପରିଷଦ ଗଠନ, ଉଚ୍ଚ ଜମି ଗୁଡିକରେ ଉଠା ଜଳ ସେଚନ ତଥା ବୋରୱେଲ ପଏଣ୍ଟ ଗୁଡିକ ତୁରନ୍ତ କାର୍ଯ୍ୟକ୍ଷମ, ରବି ଫସଲ ପାଇଁ ରିହାତିରେ ବିହନ ଓ ଜୈବିକ ସାର ପ୍ରଦାନ, ଜୋନ ସ୍ତରରେ ଗୋଦାମ ଗୃହ, ୨୦୨୧ରେ ଅଦିନିଆ ବର୍ଷା କାରଣରୁ ଫସଲ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଫସଲ ବୀମା ସହାୟତା ଓ ମସଲା ଜାତୀୟ ଚାଷ ସାଙ୍ଗକୁ ଆଳୁ, ପିଆଜ ଏବଂ ଲଙ୍କା ମରିଚ ଚାଷକୁ ମିଶନ ଭାବରେ କାର୍ଯ୍ୟକାରୀ କରିବା ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଂପାଦକ ସୀମାଞ୍ଚଳ ନାହାକଙ୍କ ସମେତ ସୀତାରାମ ପ୍ରଧାନ ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଡକାୟତି ପୂର୍ବରୁ ୫ଜଣଙ୍କୁ ଧରିଲା ପୋଲିସ



ଗିରଫ ଅଭିଯୁକ୍ତ।

ବ୍ରହ୍ମପୁର,୨୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଡିରେ ଡକାୟତି କରିବା ପୂର୍ବରୁ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ କେ. ମିଥୁନଙ୍କ ସମେତ ୫ଜଣ ଯୁବକଙ୍କୁ କାବୁ କରିଛି ପୋଲିସ। ଘଟଣା ସ୍ଥଳରୁ ପୋଲିସ ତିନୋଟି ଲୁହାଛଡ଼, ମହମବତୀ, ଖାଲି ମଦ ବୋତଲ, ଟର୍ଚ୍ଚ ଇତ୍ୟାଦି ଜବତ କରିଛି। ଅଭିଯୁକ୍ତମାନେ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ ନରେନ୍ଦ୍ରପୁରର କେ.ମିଥୁନ, କେ.ତୁଫାନ, କେ. ସୁଦାମ, ଟାଙ୍ଗଣାପଲିର କେ.ଟୁଙ୍ଗୁରୁ ଓ କେ.ଜିତୁ। ମାମଲା ନମ୍ବର ୩୫୦/୨୩ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତ୍ର ପୋଲିସ ପାଟ୍ରୋଲିଂ ବେଳେ ଗୁରୁଣ୍ଡି ନିକଟରେ କେତେକ ଯୁବକ ଏକତ୍ରିତ ହୋଇଥିବା ଖବର ମିଳିଥିଲା। ସେଠାରେ ଜୁଆ ଆଡ୍ଡା ଚାଲିଥିବା ଭାବି ଥାନାଧିକାରୀ ରେବତୀ ଶବରଙ୍କ ନେତୃତ୍ୱରେ ଏକ ଟିମ ରାତ୍ର ୨ଟାରେ ଚଢ଼ାଉ କରିଥିଲା। ସେଠାରୁ ୫ଜଣ ଯୁବକଙ୍କୁ ପୋଲିସ ଧରି ଥାନାକୁ ଆଣି ଜେରା କରିଥିଲା। ସେମାନେ ସେଠାରେ ଏକତ୍ରିତ ହୋଇ ଗାଁରେ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ଛତ୍ରପୁର, ୨୯।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ବିପର୍ଯ୍ୟୟ ମନୁଷ୍ୟକୃତ ହେଉ କିମ୍ବା ପ୍ରାକୃତିକ ହେଉ ସେହି ସମସ୍ତ ବିପର୍ଯ୍ୟୟକୁ ମୁକାବିଲା କରିବା ସକାଶେ ପ୍ରଶିକ୍ଷଣ ବା ତାଲିମ ପାଇ ପୂର୍ବ ପ୍ରସ୍ତୁତି କରି ରହିଲେ ସେହିସବୁକୁ ଏଡାଯାଇପାରିବ। ରବିବାର ଜିଲା ପ୍ରଶାସନ ପକ୍ଷରୁ ଛତ୍ରପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶମନ ଦିବସ ପାଳନ କରାଯାଇ ଏ ସମ୍ପର୍କରେ ଜନସଚେତନତା କରାଯାଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ସମସ୍ତେ ସଜାଗ, ସତର୍କ ରହି ସହଯୋଗର ହାତ ବଢାଇଲେ ବିପର୍ଯ୍ୟୟକୁ ପ୍ରଶମିତ କରିପାରିବା ବୋଲି କହିଥିଲେ। ଜିଲାର ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ସବୁ ଅଞ୍ଚଳରେ ବିପର୍ଯ୍ୟୟର ପ୍ରାକ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରେ କିଭଳି ରକ୍ଷଣାବେକ୍ଷଣ କରିବା ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ବିପତ୍ତିରେ ଥିବା ମଣିଷକୁ ସମସ୍ତେ ସହଯୋଗର ହାତ ବଢାଇଲେ ଜନଜୀବନ, ପଶୁପକ୍ଷୀ ସୁରକ୍ଷିତ ହୋଇ ପାରିବ। ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପାଳିତ ଏହି ସଚେତନତା ଦିବସରେ ଛତ୍ରପୁର ଅଞ୍ଚଳର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଛତ୍ରପୁର ଷ୍ଟାଡିୟମ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଜିଲାପାଳ ସମସ୍ତ କର୍ମକର୍ତ୍ତା, ଅଧିକାରୀ, ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ । ଓଏସଏପି ଅଷ୍ଟମ ବାଟାଲିୟନ, ଓଡ୍ରାଫ ଦଳଙ୍କ ସବଇନିସ୍ପେକ୍ଟର ପ୍ରସନ୍ନ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବିପର୍ଯ୍ୟୟ ସମୟରେ କିଭଳି ଜନ ଜୀବନ ସୁରକ୍ଷିତ କରିବା ସେ ନେଇ ମକଡ୍ରିଲ କରିଥିଲେ ।

## ଗଞ୍ଜାମ ଜିଲା ପୁଣି ରାଜ୍ୟସ୍ତରରେ ସମ୍ମାନିତ

ଛତ୍ରପୁର/ଗଞ୍ଜାମ, ୨୯।୧୦
(ସନ୍ତୋଷ ପାଢ଼ୀ/ବିଦ୍ୟାଧର ସାହୁ)



ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗଞ୍ଜାମ ବ୍ଲକକୁ ସମ୍ମାନିତ କରାଯାଉଛି।

ଗଞ୍ଜାମ ଜିଲାକୁ ପୁଣିଥରେ ଜିଲା ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ଗଞ୍ଜାମ ଜିଲାକୁ ୩ ଟି ପୁରସ୍କାର ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସତ୍ୟବ୍ରତ ସାହୁ, ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକ ଅଗସ୍ତ ଟାନୋ କୌଆମେ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସହିତ ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୁରୁଷୋତ୍ତମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ଗଞ୍ଜାମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ମଲ୍ଲିକ, ଅନ୍ତରିଗାଁ ବାତ୍ୟା ଆଶ୍ରୟ ସ୍ଥଳର ସଭାପତି ମାମି ପରିଡ଼ା, ସମ୍ପାଦକ ଟୁକୁନା ସ୍ୱାଇଁ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକର ଅନ୍ତରିଗାଁ ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ଓ ରକ୍ଷଣାବେକ୍ଷଣା କ୍ଷେତ୍ରରେ ପୁରସ୍କୃତ ହୋଇଛି।

